# ସର୍ବଂସହା ମାଟି

● ବିଦ୍ୟୁତ୍‌ପ୍ରଭା ଦେବୀ

(୧୯୨୬-୧୯୭୭)

**କବି ପରିଚୟ :**

*ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବିଦ୍ୟୁତ୍‌ପ୍ରଭା ଦେବୀ ଜଣେ ବିଶିଷ୍ଟ କବି । ସେ ଅବିଭକ୍ତ କଟକ ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ନାଟରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କବିଙ୍କ ସୃଷ୍ଟିରେ ସ୍ୱଦେଶ ପ୍ରୀତି, ସାଂସ୍କୃତିକ ଚେତନା, ଜୀବନବୋଧ, ଆଧ୍ୟାତ୍ମିକତା, ନିଃସର୍ଗ ଦୃଷ୍ଟିର ମଂଜୁଳ ପରିପ୍ରକାଶ ଘଟିଛି । ତାଙ୍କ ରଚିତ କବିତା ପୁସ୍ତକ ସବିତା, ଉତ୍କଳ ସାରସ୍ୱତ ପ୍ରତିଭା, କନକାଞ୍ଜଳି, ମରୀଚିକା, ବିହାୟସୀ, ଝରାଶିଉଳି, ସ୍ୱପ୍ନଦୀପ, କାକଳି, ଯାହାକୁ ଯିଏ, ସଞ୍ଚୟନ, ମାଟି ପାଣି ପବନ ପ୍ରଭୃତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି । 'ସଞ୍ଚୟନ' ପୁସ୍ତକପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପୁରସ୍କୃତ ।*

*ପଠିତ କବିତାଟି "ମାଟି ପାଣି ପବନ" କବିତା ପୁସ୍ତକରୁ ସଂଗୃହୀତ । ଏଥିରେ ସର୍ବଂସହା ମାଟିକୁ ମା' ସହିତ ତୁଳନାକରି କବି ମାଟି ମା'ର ମହନୀୟ ଗୁଣାବଳୀ ବର୍ଣ୍ଣନା କରିଛନ୍ତି ଓ ମନୁଷ୍ୟର ସୁପ୍ତ ଦିବ୍ୟ ଚେତନାକୁ ଜାଗ୍ରତ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି ।*

---

**ସ**ରବ ସହଣୀ ମାଟି
ସବୁରି ଉପରେ ସେନେହ ତୋହର
ସମାନେ ଦେଇଛୁ ବାଣ୍ଟି ।
ତୋର ମିଠାପାଣି ତୋ' ଧୀର ପବନ
ଦେହେ ମୋ ଦେଇଛି ବଳ
ଶକତି ଦେଇଛି ତୃପତି ଦେଇଛି
ତୋ' ଗଛ ଲତାର ଫଳ ।

ସବୁଜ ଘାସର କଅଁଳ ବିଛଣା
ଦିଏ କି ଆରାମ ମତେ
ମାଆ ପରି ମୋର ଅଳି ଅରଦଳି
କେତେ ନ ସହିଛୁ ସତେ ।
ଦେହ ଦୁଃଖ ପାଇଁ ସାଇତିଛୁ କେତେ
ଚେରମୂଳି ଗଛ ଲତା
ମନ ସୁଖ ଲାଗି ନଈ ସମୁଦ୍ରରେ
ଭରିଅଛୁ ହସ କଥା ।
ବୁକୁ ମୋ ଫୁଲାଏ ଆଖି ମୋ ଭୁଲାଏ
ତୋ' ବଣ ପକ୍ଷୀର ଡାକ
ସରଗ ଡାକିଲେ ମନ ବଳେ ନାହିଁ
ଛାଡ଼ିବାକୁ ତୋର କାଖ ।
ଜନମ କାଲୁ ଯେ ଦେହେ ତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।
ଯେତେ ରାଗ ରୋଷ କରେ ତୋହ ପାଖେ
ମାଆ ବୋଲି ଯାଉ ଭୁଲି
କେତେ ତପ କରି ଏଇ ଜନମରେ
ଆସିଛି ତୋ' ଦେଶେ ବୁଲି ।
ଅମାପ ଧରିତ୍ରୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନ ରାତି ।
ଦିହ ସିନା ତୋର ପାହାଡ଼ ପଥର
କଅଁଳ ପତର ପ୍ରାଣ
ଦୁଃଖ ଦଡ଼ମଡ଼ି ସହିବାକୁ ମତେ
କରି ଦେ ତୋ' ପରି ଟାଣ ।

ତୋର ମୁକତିରେ		ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର		ଆଦେଶେ ଚଳେ ମୁଁ
ଘୋଷି ତୋର ମହାଯଶ ।
ଚିର ଦୁଃଖର ତୋ'		ପାହାନ୍ତି ଅନ୍ଧାର
ରାତି ଆସୁଅଛି ପାହି
ସେ ନୂଆ ସପନେ		ଫୁଲେ ମୁଁ ଆନନ୍ଦେ
ଜୟଗାନ ତୋର ଗାଇ ।
ତୁହି ଦେବଭୂମି		ତୁହି ବୀରଭୂମି
ତୁହି ମୋ ଭାରତ ମାଆ
ତୋର ପାଦଧୂଳି		ମୁଣ୍ଡେ ହୋଇ ବୋଳି
ରଖିବି ତୋହର ନାଆଁ ।
ଚେତନ-ଗରଭା-ମାଟି
କେଉଁଠି ହଜିଛି		ଖୋଜି ଦେଏ ମୋର
ଚେତନାର ଚାବିକାଠି ।

**ସୂଚନା :**

ସର୍ବଂସହା - ସବୁ ଅଳିଅର୍ଦ୍ଦଳି ଯେ ସହେ

ସରବ ସହଣୀ - ସବୁକିଛି ସହିବାଗୁଣରେ ନିପୁଣା

କ୍ଷମିଅଛୁ - କ୍ଷମାକରିଛୁ

ରୋଷ - ରାଗ

ଦଡ଼ମଡ଼ି - ଜଞ୍ଜାଳ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଦିହ ସିନା ତୋର ପାହାଡ଼ପଥର _______ ପତର ପ୍ରାଣ ।

( ସବୁଜ, କଅଁଳ, ବହଳ )

(ଖ) ତୋହରି ଅନ୍ତର ଆଦେଶେ ଚଳେ ମୁଁ ଘୋଷି ତୋର _______ ।

( ଜୟଗାନ, ମହାକୀର୍ତ୍ତି, ମହାଯଶ )

(ଗ) କେଉଁଠି ହଜିଛି ଖୋଜି ଦେଏ ମୋର _______ ର ଚାବିକାଠି ।

( ପ୍ରେରଣା, ଭାବନା, ଚେତନା )

(ଘ) ଅମାପ ଧରିଯୁଁ ଦେଏ ଟିକେ ମୋତେ _______ ହେଉ ମୋର ଛାତି ।

( ଟାଣ, ଦୃଢ଼, ନିଦା )

୨. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଜନ୍ମ, ଦୁଃଖ, ଦୋଷ, ନିଦା, ଧୀର, ଅମାପ, କଅଁଳ, ସ୍ନେହ

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ମା, ଦେହ, ଜଳ, ପବନ, ବୁକୁ, ପାଦ

୪. ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟରୂପ ଲେଖ ।

ସେନେହ, ମୁକତି, ଶକତି, ତୃପତି, ସରଗ, ସପନ

୫. ନିମ୍ନଲିଖିତ ଶବ୍ଦମାନଙ୍କୁ ସାର୍ଥକବାକ୍ୟରେ ବ୍ୟବହାର କର ।

ଅମାପ, ଅଳି, ଜୟଗାନ, ଚେତନା, ଆଘାତ

### କ୍ଷୁଦ୍ର ଉତ୍ତରମୂଳକ :

୬. କବି କାହାକୁ ସର୍ବସହଣୀ ବୋଲି କହିଛନ୍ତି ?

୭. କେଉଁଠାରୁ ଆମେ ଶକ୍ତି ଓ ତୃପ୍ତି ପାଉ ବୋଲି କବି କହିଛନ୍ତି ?

୮. ଆମ ମନସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି ?

୯. କବି କାହାକୁ ମା' ବୋଲି କହିଛନ୍ତି ?

୧୦. ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?

୧୧. ସ୍ୱର୍ଗଠାରୁ ମାଟିର ଆକର୍ଷଣ କବିଙ୍କ ପାଇଁ ଅଧିକ । ଏହା କବିତାର କେଉଁ ପଦରୁ ଜଣାଯାଏ ଲେଖ ।

୧୨. କେଉଁ କର୍ମହେତୁ କବି ଏ ଦେଶକୁ ବୁଲିବାକୁ ଆସିଛନ୍ତି ?
୧୩. ମାଟିର ମହାଯଶ ଘୋଷିବାକୁ କବି କାହାଠାରୁ ଆଦେଶ ପାଇଛନ୍ତି ?
୧୪. ମାଟିର ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ?
୧୫. ବଣ ପକ୍ଷୀର ଡାକଶୁଣି ଦେହରେ କି ଭାବ ସୃଷ୍ଟି ହୁଏ ?

**ସପ୍ରସଙ୍ଗ ସରଳାର୍ଥ :**

୧୬. ଜନମ କାଳୁ ଯେ ଦେହେ ତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।

୧୭. ଅମାପ ଧରିୟୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନ ରାତି ।

୧୮. ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର ଆଦେଶେ ଚଳେ ମୁଁ
ଘୋଷି ତୋର ମହାଯଶ ।

**ଦୀର୍ଘ ଉତ୍ତରମୂଳକ :**

୧୯. ପଠିତ କବିତା ଅବଲମ୍ବନରେ ମାଟି ପ୍ରତି କବିଙ୍କ ମନୋଭାବର ପରିଚୟ ପ୍ରଦାନ କର ।
୨୦. ମାଟି "ସର୍ବଂସହା" ଏହାର ଯଥାର୍ଥତା ପ୍ରତିପାଦନ କର ।
୨୧. କବି ମାଟିମାଆର ଜୟଗାନରେ ଶତମୁଖ ଏହାକୁ ପଠିତ କବିତା ଅନୁସରଣରେ ବର୍ଣ୍ଣନା କର ।

**ତୁମ ପାଇଁ କାମ:**

୨୨. କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ଅନ୍ୟ କବିତା ଗୁଡ଼ିକୁ ସଂଗ୍ରହକରି ପଢ଼ ।
୨୩. ଉକ୍ତ କବିତାଟିକୁ ଆବୃତ୍ତି ଅଥବା ସ୍ୱରସହ ଗାନ କର ।
୨୪. ମାଟି ମା ଉଦ୍ଦେଶ୍ୟରେ ଲିଖିତ ଅନ୍ୟକବିମାନଙ୍କର କବିତାଗୁଡ଼ିକୁ ସଂଗ୍ରହ କରି ଶିକ୍ଷକଙ୍କୁ ଦେଖାଅ ।

◆